ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ୨୫ ଜୁଲାଇ , ୨୦୧୯



## ସଂକ୍ଷେପରେ



### କୋଡିଙ୍ଗାମାଳି ଖଣି ଖନନ ବିରୋଧରେ ୨୬ରୁ ଧାରଣା

**କୋରାପୁଟ,୨୪।୭(ସ୍ୱ.ପ୍ର.):** କୋଡିଙ୍ଗାମାଳି ପର୍ବତରୁ ଖଣି ଖନନ ଓ ପରିବହନ କାର୍ଯ୍ୟକୁ ବିରୋଧ କରି ପ୍ରଭାବିତ ଅଞ୍ଚଳବାସୀ ଚଳିତ ମାସ ୨୬ରୁ ଧାରଣା ଦେବେ। ଏନେଇ ବୁଧବାର ଅଞ୍ଚଳବାସୀ କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ଏକ ପତ୍ର ଦେଇଛନ୍ତି। ୧୮ ମାସ ହେଲାଣି କୋଡିଙ୍ଗାମାଳି ପର୍ବତ ଉପରୁ ବେନିୟମ ଭାବରେ ଖଣି ଖନନ ଓ ପରିବହନ କାର୍ଯ୍ୟ ଚାଲିଛି। ପ୍ରଭାବିତ ଗ୍ରାମବାସୀ ଅନେକ ସମୟରେ ଜିଲା ପ୍ରଶାସନକୁ ଏନେଇ ବାରମ୍ବାର ଅବଗତ କରିଥିଲେ ମଧ ଏହାର ସମାଧାନ ହୋଇପାରିନାହିଁ। ବିନା ପଲିସଭା ଓ ଗ୍ରାମସଭାରେ ଓଏମ୍‌ସି ଖଣିଖୋଳା ଚଳାଇଥିଲେ ମଧ ଏହାର ପ୍ରତିବାଦ କଲେ ବିଭିନ୍ନ ମିଥ୍ୟା କେଶ ରୁଜୁ କରାଇ ବିନା ତଦନ୍ତରେ ଜେଲ ପଠାଇ ଦିଆଯାଉଥିବା ପ୍ରଭାବିତ ଅଞ୍ଚଳବାସୀ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି। ତେଣୁ ଆସନ୍ତା ୨୬ରୁ ସେମାନେ ଲକ୍ଷ୍ମୀପୁରଠାରେ ଗଣଧାରଣା ଦେବେ। ପ୍ରଦୀପ ବାଘ, ବସନ୍ତ ଖରା, ଚନ୍ଦ୍ରଶେଖର ଖରା, ଅର୍ଜୁନ ମିନିଆକା, ସମ୍ବରୁ ହିକ୍‌କା, ପ୍ରକାଶ ହିକ୍‌କା, ପୁରୁଷୋତ୍ତମ ବାଘଙ୍କ ସମେତ ବହୁ ଗ୍ରାମବାସୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏନେଇ ପତ୍ର ଦେଇଛନ୍ତି।

### ୪ ଦୋକାନର ତାଲା ଭାଙ୍ଗି ଚୋରି

**ଜୟପୁର,୨୪।୭(ଡି.ଏନ୍.ଏ.):** ଜୟପୁର ସହରରେ ଏନ୍‌କେଟି ରୋଡ ପୁରାତନ ଲକ୍ଷ୍ମୀ ଟକିଜ ସମ୍ମୁଖରେ ପାନ ଏବଂ କିରାନା ପରି ୪ଟି ଦୋକାନର ତାଲା ଭାଙ୍ଗି ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ୪ ଜଣ ଦୋକାନୀ ଏ.ରାଜୁ, ଏ. ରାବଣା, ବି. ଗୁପ୍ତେଶ୍ୱର ଏବଂ ଅରୁଣ ସେନାପତିଙ୍କ ଅଭିଯୋଗ ଅନୁଯାୟୀ ଦୋକାନରେ ତାଙ୍କର ପ୍ରାୟ ୫୦ ହଜାର ଟଙ୍କା ଏବଂ ପ୍ରାୟ ଏକଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ବିହନ ବିଶୋଧନ କାର୍ଯ୍ୟକ୍ରମ

**ଚନ୍ଦ୍ରପୁର, ୨୪।୭(ଡି.ଏନ୍.ଏ.):** ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତର ବାଲକାବାଜୁ, ଡାବେରି, ପିଷ୍କାପଙ୍ଗା ପଞ୍ଚାୟତର କନ୍ଧ ହିରବା, ଗାଇଗୁଡାଠାରେ କୃଷି ବିଭାଗ ପକ୍ଷରୁ ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫସଲକୁ ରୋଗମୁକ୍ତ କରିବାକୁ ହେଲେ ପ୍ରାଥମିକ ଅବସ୍ଥାରେ ରାସାୟନିକ ଓ ଜୈବିକ ବିଶୋଧନ ବ୍ୟବହାର କରିବାକୁ ପଡିଥାଏ। ବିଶୋଧନ ବ୍ୟବହାର ପଦ୍ଧତି ସମ୍ପର୍କରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବା ଚନ୍ଦ୍ରପୁର ବ୍ଲକ ସହକାରୀ କୃଷି ଅଧିକାରୀ ରାମଲାଲ ସାମାଡ ବୁଝାଇଥିଲେ।

■ ନିର୍ଦ୍ଦିଷ୍ଟ ସଂସ୍ଥା ସହର ସଫେଇ ଟେଣ୍ଡର ପାଇବା ନେଇ ଚର୍ଚ୍ଚା

# ଉଠିଲା ପ୍ରାକ୍ ଟେଣ୍ଡର ଫିକ୍ସିଂ ଅଭିଯୋଗ

**ଜୟପୁର,୨୪।୭(ଡି.ଏନ୍.ଏ.)**

୨୦୧୯-୨୦ ପାଇଁ ସହରର ଦୈନିକ ସଫେଇ ଓ ପରିମଳ ବ୍ୟବସ୍ଥା ପରିଚାଳନା ପାଇଁ ଟେଣ୍ଡର ଆହ୍ୱାନ କରିଛି ଜୟପୁର ପୌରସଂସ୍ଥା। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଟେଣ୍ଡର କାଗଜପତ୍ର ଦାଖଲର ଅନ୍ତିମ ଦିବସ ୨୬ ତାରିଖ ରହିଛି। କିନ୍ତୁ ଏହି ଟେଣ୍ଡର ପାଇଁ ଯୋଗ୍ୟ ଓ ସାଧାରଣ ନିର୍ଦ୍ଦେଶନାମାକୁ ଅନୁଧ୍ୟାନ କଲେ ଏହାକୁ ଏକ ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ଦିଆଯିବା ଲାଗି ପ୍ରୟାସ ଚାଲିଥିବା ଆଶଙ୍କା କରାଯାଉଛି। ଏହା ଏକ ପ୍ରକାର ପ୍ରାକ୍ ଟେଣ୍ଡର ଫିକ୍ସିଂ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ସଫେଇ କାର୍ଯ୍ୟ ସହ ସଂଶ୍ଳିଷ୍ଟ ଥିବା ରାଜ୍ୟର ଯେକୌଣସି ଠିକାସଂସ୍ଥା ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେ। କିନ୍ତୁ ପୌରସଂସ୍ଥା ଆହ୍ୱାନ କରିଥିବା ଟେଣ୍ଡର ସର୍ତ୍ତାବଳୀ ଅନୁଯାୟୀ ଠିକାସଂସ୍ଥାର କାର୍ଯ୍ୟାଳୟ କିମ୍ବା ଶାଖା କାର୍ଯ୍ୟାଳୟ ଜୟପୁର ଅଞ୍ଚଳର ହେବା ଆବଶ୍ୟକ ବୋଲି ଦର୍ଶାଯାଇଛି। ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଠିକାସଂସ୍ଥା ବାର୍ଷିକ ୫ କୋଟି ଟଙ୍କାର କାରବାର କରୁଥିବ। ଗ୍ୟାରେଣ୍ଟି ବାବଦକୁ ୩୦ ଲକ୍ଷ ଟଙ୍କା ଦେବାକୁ ସର୍ତ୍ତ ରଖାଯାଇଛି। ସହରର ସଫେଇ ବାବଦକୁ ମାସିକ ୨୮ ଲକ୍ଷ ଟଙ୍କା ଦିଆଯିବା ସହ ଶ୍ରମ ବିଭାଗରେ ପଞ୍ଜିକୃତ ଥିବା ସର୍ବନିମ୍ନ ୩୦୦ ଜଣ ସଫେଇ କର୍ମଚାରୀଙ୍କୁ ଠିକାସଂସ୍ଥା ନିୟୋଜିତ କରିବା ପାଇଁ ଟେଣ୍ଡରରେ ସର୍ତ୍ତ ରହିଛି। ୨୦୧୬ରୁ ଟେଣ୍ଡର କରାଯାଇ ନ ଥିବାବେଳେ ଜଣେ ଠିକାସଂସ୍ଥାକୁ ଗତ କାଉନସିଲ ପରିଷଦ ବୈଠକର ନିଷ୍ପତ୍ତି କ୍ରମେ ଟେଣ୍ଡର ଦିଆଯାଇଥିଲା। ୨୦୧୮ରେ ସଫେଇ ବାବଦକୁ ମାସିକ ଖର୍ଚ୍ଚ ୧୪ ଲକ୍ଷ ଥିବାବେଳେ ତାହା ହଠାତ୍ ୨୦୧୯ରେ ୨୮ ଲକ୍ଷକୁ ବୃଦ୍ଧି ପାଇବା ସମସ୍ତଙ୍କୁ ଚକିତ କରିଛି।

> ଟେଣ୍ଡରର ସମସ୍ତ ସମସ୍ତ ସର୍ତ୍ତାବଳୀ ଠିକ୍ ରହିଛି। କୌଣସି ଅଭିଯୋଗ ମୋ' ନଜରକୁ ଆସିବ, ଏହାର ଅନୁଧ୍ୟାନ କରିବି। ଯୋଗ୍ୟତା ସର୍ତ୍ତାବଳୀ ମଧ ଦେଖିବି।
> - ଗୋପୀନାଥ ସାରକା, ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ



କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି କଂଗ୍ରେସ ନେତା ଓ କର୍ମୀ।

■ ନାବାଳିକା ବଳାତ୍କାର, ନାରୀ ନିର୍ଯାତନା ବୃଦ୍ଧିର ପ୍ରତିବାଦ ଜଣାଇଲା କଂଗ୍ରେସ

# ଜିଲାପାଳ ଅଫିସ୍ ଆଗରେ ଧାରଣା

**କୋରାପୁଟ,୨୪।୭(ସ୍ୱ.ପ୍ର.)**

ରାଜ୍ୟରେ କ୍ରମାଗତ ବୃଦ୍ଧି ପାଉଥିବା ଶିଶୁ, ନାବାଳିକା ଓ ନାରୀ ନିର୍ଯାତନା ଓ ବଳାତ୍କାର ସମେତ ଅପହରଣ, ନିଖୋଜ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ପ୍ରତିବାଦ ଜଣାଇଛି ପ୍ରଦେଶ କଂଗ୍ରେସ। ଏହାର ଆହ୍ୱାନ କ୍ରମେ କୋରାପୁଟ ଜିଲା କଂଗ୍ରେସ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି। ପ୍ରତ୍ୟେକ ଦିନ ରାଜ୍ୟରେ ୬ ଜଣ ମହିଳା ବଳାତ୍କାରର ଶୀକାର ହେଉଥିବାବେଳେ ୨୦୧୭-୧୮ରେ ୨୨୦୦ ଜଣ ବଳାତ୍କାର ହୋଇଛନ୍ତି। ଚଳିତ ବର୍ଷ ଏହି ସଂଖ୍ୟା ୨୫୦୦ରେ ପହଞ୍ଚିବା ଉଦ୍‌ବେଗଜନକ ବୋଲି କଂଗ୍ରେସ କହିଛି। ଚଳିତ ବର୍ଷ ୫୦୨ ଜଣ ଶିଶୁ ନିଖୋଜ ଥିବାବେଳେ ପୋଲିସ ୪୨୩ ଜଣଙ୍କୁ ଖୋଜି ପାଇନାହିଁ। ଏହା ଦୁର୍ଭାଗ୍ୟଜନକ ଓ ପୋଲିସ ବିଭାଗର ଏହା ଅପାରଗତାକୁ ପ୍ରମାଣିତ କରୁଛି ବୋଲି କଂଗ୍ରେସ କହିଛି। ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଅଶୋକ କୁମାର କର୍ଣ୍ଣଙ୍କୁ ଏନେଇ ଏକ ଦାବିପତ୍ର ଦିଆଯାଇଥିଲା। ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ନିମାଇଁ ସରକାର, ପୂର୍ବତନ କୋରାପୁଟ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, କୃଷ୍ଣ କୁଲଦୀପ, ବ୍ଲକ କଂଗ୍ରେସ ସଭାପତି ବାବୁଲା ବେନିଆ, ନଗର କଂଗ୍ରେସ ସଭାପତି ଭବାନି ଶଙ୍କର ମିଶ୍ର ସାମିଲ ଥିଲେ।

### ୨ ଜିଲାରେ ଚାଉଳ ପରିବହନ ଟେଣ୍ଡର ଜଣଙ୍କୁ ମିଳୁଛି

**ଜୟପୁର,୨୪।୭(ଡି.ଏନ୍.ଏ.)**

କୋରାପୁଟ ଓ ଗଞ୍ଜାମ ଜିଲାରେ ପବ୍ଲିକ ଡିଷ୍ଟ୍ରିବ୍ୟୁସନ ସିଷ୍ଟମରେ (ପିଡିଏସ୍) ଚାଉଳ ପରିବହନ ପାଇଁ ଏଲ-୧ ଓ ଏଲ-୨ ଟେଣ୍ଡରକୁ ନିର୍ଦ୍ଦିଷ୍ଟ ଜଣେ ବ୍ୟକ୍ତି ବିଭିନ୍ନ ଠିକାସଂସ୍ଥା ନାଁରେ ହାତେଇ ନେଉଛନ୍ତି। ବିଧାନସଭାରେ ଏଭଳି ପ୍ରସଙ୍ଗ ଉଠାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ଏଥିରେ ଏକ ପ୍ରକାର ଫିକ୍ସିଂ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ସେବାଶ୍ରମରେ ଖାଦ୍ୟ ଓ ଅନ୍ୟ ବାବଦକୁ ଆବଶ୍ୟକ ପଡୁଥିବା ଚାଉଳକୁ ଚାଉଳ ଗ୍ରହଣ କେନ୍ଦ୍ରରେ ଦିଆଯିବା ପରେ ଯାହା ବଳିପେଡ଼ ତାହା ଭାରତୀୟ ଖାଦ୍ୟ ନିଗମକୁ ପଠାଯାଏ। ବର୍ତ୍ତମାନ ମାଲକାନଗିରି ଜିଲାର ବଳକା ଚାଉଳ ଭାରତୀୟ ଖାଦ୍ୟନିଗମକୁ ଦିଆଯିବା ପରିବର୍ତ୍ତେ କୋରାପୁଟ ଜିଲାର ଚାଉଳ ସଂଗ୍ରହ କେନ୍ଦ୍ରକୁ ଦିଆଯିବା ପାଇଁ ଖାଦ୍ୟ ନିଗମ ପ୍ରୟାସ କରୁଥିବା ବାହିନୀପତି ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ସହ ଜିଲାର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଅମଳ ଧାନର ବିଶୁଦ୍ଧି ସହ ଏଫ୍‌ଏକ୍ୟୁ ମାନର ଧାନ ପ୍ରସ୍ତୁତ ପାଇଁ ଯନ୍ତ୍ରପାତି କିଣାଯାଇ ଆସନ୍ତା ଖରିଫ ଧାନ ମଣ୍ଡିରେ ବ୍ୟବହାର କରିବାକୁ ସେ ଦାବି କରିଛନ୍ତି।



ଦରମା ପାଇ ନ ଥିବା କର୍ମଚାରୀମାନେ ଧାରଣା ଦେଇଛନ୍ତି।

■ ୮ ମାସର ଦରମା ପାଇନାହାନ୍ତି କର୍ମଚାରୀ

# ବିଏସ୍‌ଏନ୍‌ଏଲ୍ ସର୍କଲ ଅଫିସ୍ ଘେରାଉ

**କୋରାପୁଟ,୨୪।୭(ସ୍ୱ.ପ୍ର.)**

୮ ମାସ ହେଲା ଦରମା ପାଇ ନଥିବା କର୍ମଚାରୀ ବୁଧବାର ମଧ୍ୟାହ୍ନରେ ସ୍ଥାନୀୟ ଭାରତୀୟ ସଞ୍ଚାର ନିଗମର ସର୍କଲ କାର୍ଯ୍ୟାଳୟ ଘେରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଦୀର୍ଘ ୮ ମାସ ହେଲା କାର୍ଯ୍ୟକରି ମଧ ସେମାନେ ଦରମା ପାଇ ନଥିବାରୁ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛନ୍ତି। ପରିବାର ପ୍ରତିପୋଷଣ ପାଇଁ ସେମାନେ ଏବେ ଅକ୍ଷମ ହୋଇପଡ଼ିଛନ୍ତି। ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ସେମାନେ ବକେୟା ଦରମା ଦେବା ଦୂରେ ଥାଉ, ଓଲଟା ଚାକିରି ଛାଡ଼ି ଚାଲିଯିବାକୁ ଧମକ ଦେଉଥିବା କର୍ମଚାରୀମାନେ କହିଛନ୍ତି। ଜିଲା ସଂଘ ସମ୍ପାଦକ ସାଇ ସୋମନାଥ ପାଢ଼ୀଙ୍କ ନେତୃତ୍ୱରେ କରାଯାଇଥିବା ଏହି ଧାରଣାର ନେତୃତ୍ୱ ଜିଲା ଶାଖା ସମ୍ପାଦକ ଜି. ମାର୍କଣ୍ଡେୟ ରାଓ ନେଇଥିଲେ। ଏହି ଅବସରରେ ବିଏସ୍‌ଏନ୍‌ଏଲ୍ ଡିଜିଏମ୍ ଭୈରବ ଚନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ସମସ୍ୟାର ସମାଧାନ ନହେଲେ କର୍ମଚାରୀମାନେ କାର୍ଯ୍ୟ ବନ୍ଦକରି ଅଫିସ୍ ଘେରିବା ସହ ଧାରଣା ଦେବେ ବୋଲି କହିଛନ୍ତି।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**କୋରାପୁଟ,୨୪।୭(ସ୍ୱ.ପ୍ର.)**

କୋରାପୁଟରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ବୁଧବାର ଅପରାହ୍ନରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଡ. ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ହୋଇଛି। ଚଳିତ ବର୍ଷ ପ୍ରଭାତ ଫେରି, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ୯ଟା ୧୫ରେ ସ୍ଥାନୀୟ ପୋଲିସ ପଡ଼ିଆରେ ପତାକା ଉତ୍ତୋଳନ କରାଯିବ। ଏହା ପୂର୍ବରୁ ଛାତ୍ରୀଛାତ୍ରୀଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯିବା ସହ କାର୍ଯ୍ୟକ୍ରମ ଦିନ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ, କବିତା ଆସର କରାଯିବ। ଚଳିତ ବର୍ଷ ପରେଡରେ ୩୪ଟି ଦଳ ଭାଗନେବେ। ଏହାସହ ସ୍ଥାନୀୟ ମେଡିକାଲ କଲେଜରେ ମେଗା ରକ୍ତଦାନ ଶିବିର, ଅପରାହ୍ନରେ ଜିଲା ପ୍ରଶାସନ ଏକାଦଶ ଓ ଆଇନଜୀବୀ ଏକାଦଶ ମଧରେ ଫୁଟବଲ ମ୍ୟାଚ ଖେଳାଯିବ। ଗଣଶିକ୍ଷା ଓ ମଙ୍ଗଳ ବିଭାଗ ଅଧୀନରେ ଚଳିତ ମାଟ୍ରିକ ପରୀକ୍ଷାର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପି. ଟୋଲି ଆମ୍ମା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ପୋଲିସ ଆର୍‌ଆଇ ସୁବାସ ନାୟକ, ପୂର୍ବତନ କୋରାପୁଟ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, କୋରାପୁଟ ଟାଉନ ଥାନା ଅଧିକାରୀ ବାସୁଦେବ ଛତ୍ରିଆ, ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଉପସ୍ଥିତ ଥିଲେ।

■ ଯୁକ୍ତ ୩ ନାମଲେଖା ପାଇଁ ଅନଲାଇନ୍‌ରେ ଫି ଜମା ବ୍ୟବସ୍ଥା

# ଆଦିବାସୀ ଅଞ୍ଚଳର ପିଲାଙ୍କ ପାଇଁ ଅଡୁଆ

**ବୈପାରୀଗୁଡ଼ା,୨୪।୭(ଡି.ଏନ୍.ଏ.)**

ଚଳିତ ବର୍ଷ ଯୁକ୍ତ ୩ ନାମଲେଖା ପାଇଁ ଅନଲାଇନ୍‌ରେ ଫି ପୈଠ କରିବାକୁ ଆଦିବାସୀ ଦୁର୍ଗମ ଇଲାକାର ଛାତ୍ରୀଛାତ୍ର ସମସ୍ୟାରେ ପଡ଼ିଛନ୍ତି। ବୈପାରୀଗୁଡ଼ା ସଦରରୁ ରାମଗିରିର ଦୂରତା ୨୩ କିମି। ସେହି ଗ୍ରାମର ତଫସିଲଭୁକ୍ତ ଛାତ୍ରୀ ଜୟନ୍ତୀ ସଗରିଆ ଚଳିତ ବର୍ଷ ଯୁକ୍ତ ୩ରେ ନାମ ଲେଖାଇବା ପାଇଁ ଆବେଦନ କରିଥିଲେ। ସୋମବାର ବୈପାରୀଗୁଡ଼ା ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଇଣ୍ଟିମେସନ ଆସିଥିଲା। ଫି ବାବଦକୁ ୬ ହଜାର ୬ ଶହ ଟଙ୍କା ଅନଲାଇନ୍‌ରେ ପୈଠ କରିବାର ଥିଲା। କିନ୍ତୁ ରାମଗିରିରେ ଏ ସୁବିଧା ନାହିଁ। ସାପ୍ତାହିକ ହାଟ ବୁଲି ଶୁଖୁଆ ବେପାର କରୁଥିବା ତାଙ୍କ ବୁଢ଼ାବାପା ଜୟସିଂ ସଗରିଆ ବେପାର ବନ୍ଦକରି ୨୨ କିମି ଦୂର ବୈପାରୀଗୁଡ଼ା ଆସି ନିରାଶ ହୋଇଥିଲେ। ପୁଣି ୨୩ କିମି ଦୂର ଜୟପୁର ଯାଇ ସେଠାରେ ଏକ ସାଇବର କାଫେରେ ଅନଲାଇନ୍ ଫି ପୈଠ ବାବଦକୁ ଅତିରିକ୍ତ ୩ ଶହ ଟଙ୍କା ଦେଇଥିଲେ। ଜୟସିଂଙ୍କ ପରି ଅନେକ ଅଭିଭାବକ ଏଭଳି ଅର୍ଥହାନି ଓ ଶରୀର ପୀଡ଼ା ଭୋଗୁଥିବା ସମାନ ଅଭିଯୋଗ ଆଣିଛନ୍ତି।

ପ୍ରକାଶ ଯେ ଚଳିତ ବର୍ଷ ଯୁକ୍ତ ୩ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ନୂଆ ନିୟମ କରିଛି। କଲେଜରେ ଆଡମିଶନ ବେଳେ ଫି ପୈଠ କରିବା ବଦଳରେ ବାହାରେ ଅନଲାଇନ୍‌ରେ ଫି ପୈଠ କରିବାକୁ କୁହାଯାଇଛି। କେବଳ ଜୟପୁରରେ ୨ଟି ସରକାରୀ ମହାବିଦ୍ୟାଳୟ ଛାଡ଼ିଦେଲେ ଏ ଅଞ୍ଚଳରେ ଅନ୍ୟ ସବୁ ବେସରକାରୀ ଅଥବା ସେଲ୍ଫ ଫାଇନାନ୍ସ ଆବାସିକ ମହାବିଦ୍ୟାଳୟ ରହିଛି। ଆଡମିଶନ ଫି ବାବଦକୁ ୫ ହଜାରରୁ ଆରମ୍ଭ କରି ୩୦ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ପୈଠ କରିବାକୁ ପଡୁଛି। ବହୁ ଅଭିଭାବକଙ୍କ ପାଖରେ ଏଟିଏମ୍ କାର୍ଡ ନ ଥିବାବେଳେ ଅନେକଙ୍କ ଏଟିଏମ୍ କାର୍ଡ ଥିଲେ ମଧ ସେଥିରେ ଏତେ ଟଙ୍କା ନାହିଁ। ଏପରି ସମସ୍ୟା ଯୋଗୁ ଅନେକ ଗରିବ ଛାତ୍ରୀଛାତ୍ର ନାମ ଲେଖାଇବାରୁ ବାଦ୍ ପଡୁଛନ୍ତି। ଉଚ୍ଚଶିକ୍ଷା ବିଭାଗ ଏ ଦିଗରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

# ସାପ କାମୁଡ଼ାରେ ମହିଳା ମୃତ

**ଜୟପୁର,୨୪।୭(ଡି.ଏନ୍.ଏ.)**

କୋରାପୁଟ ଜିଲା ଜୟପୁର ସଦରଥାନା ଉମୁରୀ ଗ୍ରାମରେ ରାତିରେ ଜଣେ ମହିଳା ଘରେ ଶୋଇଥିବା ବେଳେ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ହେମଲତା ମାଝି (୩୫)। ଗତ ମଙ୍ଗଳବାର ରାତିରେ ସାପ ତାଙ୍କ ଛାତିରେ କାମୁଡ଼ିଦେବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜୟପୁର ଜିଲା ଚିକିତ୍ସାଳୟ ଓ ପରେ ସେଠାରୁ କୋରାପୁଟ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଗୋବନ୍ଧ୍ୟା ସଚେତନତା ଶିବିର

**ପଟ୍ଟାଙ୍ଗି,୨୪।୭(ଡି.ଏନ୍.ଏ.)**

ପଟ୍ଟାଙ୍ଗି ବ୍ଲକ ରାଲେଗଡା ପଞ୍ଚାୟତ ପୁଟାପାଡୁରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଫ୍‌ଇଏସ୍ ପକ୍ଷରୁ ଗୋ ବନ୍ଧ୍ୟାଦୋଷର ପ୍ରତିକାର ଓ ସୁପରିଚାଳନା ସମ୍ପର୍କରେ ଏକ ସଚେତନତା ଶିବିର ଆୟୋଜିତ ହୋଇଛି। ଏଥିରେ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟର ଡାକ୍ତର ମନୋଜ ସାହୁ ଯୋଗଦେଇ ଯେଉଁ ଗାଈଗୋରୁଙ୍କ ବନ୍ଧ୍ୟାଦୋଷ ରହୁଛି, ତାଙ୍କୁ ହରିୟାଣା ପ୍ରଜାତିର ଗୋ ଶୁକ୍ରାଣୁ ସହ ମିଶାଇ ଆମ ଅଞ୍ଚଳରେ ଉନ୍ନତ ପ୍ରଜାତିର ବିକାଶ କରିହେବ। ଗୋପାଳନ, ଛେଳି ଓ କୁକୁଡ଼ା ପାଳନ ସମ୍ବନ୍ଧୀୟ କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟ ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ବୁଝାଇଲେ। ଏଫ୍‌ଇଏସ୍ ଦ୍ୱାରା ଚାଲୁଥିବା କୃଷି ଉତ୍ପାଦନ କ୍ଲଷ୍ଟରରେ କାର୍ଯ୍ୟରତ ସାଧନ କର୍ମଚାରୀଙ୍କୁ ଟିକାକରଣ ତାଲିମ ଦିଆଯାଇ ପ୍ରାଣୀ ସମ୍ପଦର ସୁରକ୍ଷା ଓ ଯତ୍ନ, ପ୍ରତ୍ୟେକ ଗାଁକୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଗାଡ଼ି ଦ୍ୱାରା ଟିକାକରଣ ସୁବିଧା, ନୂତନ ଗୁହାଳ ତିଆରି କରିବା ପାଇଁ ଥିବା ସୁବିଧା ବାବଦରେ ଡାକ୍ତର ସାହୁ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁଙ୍କି ଡାକ୍ତର ବୃନ୍ଦାବତି ମାଝୀ, ପ୍ରାଣୀଧନ ନିରୀକ୍ଷକ ରିତା ମହାନ୍ତି, ଯସ୍ମିନ ଡୁଙ୍ଗଡୁଙ୍ଗ, ଏଫ୍‌ଇଏସ୍ ବ୍ଲକ ସଂଯୋଜକ କେ. ମୁରଲି କ୍ରିଷ୍ଣା, ରାଲେଗଡ଼ା ଗୋଷ୍ଠୀ ସାଧକ ବିଜୟ ତାଡିଙ୍ଗି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିବିରରେ ଗାଁର ମହିଳା ଓ ପୁରୁଷମାନଙ୍କୁ ସଚେତନ କରାଯାଉଛି।

# ଗର୍ଭବତୀଙ୍କୁ ବୋହି ନଦୀ ପାର କଲେ ଗାଁଲୋକ



ଗର୍ଭବତୀ ମହିଳାଙ୍କୁ ବୋହିନେଇ ପୋଡ଼ ନଦୀ ପାର କରାଯାଉଛି।

### ଅଭିଶାପ ପାଲଟିଛି ପୋଡ଼ନଦୀ, ଟିକାୟଯୋଡ଼ି ନାଳ

ପୋଡ଼ନଦୀ ଓ ଟିକାମ୍ବଯୋଡ଼ି ନାଳ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଅଭିଶାପ ପାଲଟିଛି। ଏହି ନଦୀ ଓ ନାଳ ପାରି ହେବା ବେଳେ ଉକ୍ତ ଗାଁର ପ୍ରଭା ଜାନି, ନୟନା ବିଶୋଇ, କୁନ୍ତଳା ବିଶୋଇ, ଭଣ୍ଡିସିଲ ଗାଁର ଶୁଣ୍ଡେନ ମୁଦୁଲି ନଦୀକୂଳରେ ପ୍ରସବ କରିଥିବା ଜଣାପଡ଼ିଛି। ଏପରିକି କେଶ ଦିଶାରୀ, ମେଟା ମୁଦୁଲି, ହରି କମାର ଏହି ନଦୀରେ ଭାସିଯାଇ ପ୍ରାଣ ହରାଇଛନ୍ତି। ଏହି ନଦୀରେ ଜଣେ ଆଈ ଓ ନାତି ଭାସିଯାଇଥିଲେ। ଆଈର ମୃତଦେହ ମିଳିଥିବା ବେଳେ ନାତିର ପତା ମିଳିନଥିଲା। ତେଣୁ ଟିକାମ୍ବଯୋଡ଼ି ନାଳ ଓ ପୋଡ଼ନଦୀରେ ପୋଲ ନିର୍ମାଣ ପାଇଁ ଦାବି ହୋଇଛି।

### ଗିର୍ଲିଗୁମ୍ମାରେ ଜନନୀ ଯନ୍ତ୍ରଣାର ଚିତ୍ର

**ଦଶମନ୍ତପୁର,୨୪।୭(ଡି.ଏନ୍.ଏ.)**

ଅପନ୍ତରା ଗାଁକୁ ଆସିପାରିଲା ନାହିଁ ଆମ୍ବୁଲାନ୍ସ। କାଦୁଅଭର୍ତ୍ତି ରାସ୍ତାରେ କିଛି ବାଟ ଚାଲୁଥିଲେ ଗର୍ଭବତୀ। ପରେ ପୁଣି ଗୋଟିଏ ନଦୀ, ଅନ୍ୟ ଗୋଟିଏ ନାଳ ପାର କରାଇବା ପାଇଁ ତାଙ୍କୁ ବୋହିନେଲେ ଗାଁର ମହିଳା। ଏସବୁ କସରତ ପରେ ତାଙ୍କୁ ଆମ୍ବୁଲାନ୍ସରେ ନିଆଗଲା ସ୍ୱାସ୍ଥ୍ୟକେନ୍ଦ୍ର। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଜନନୀ ଯନ୍ତ୍ରଣାର ଏଭଳି ଚିତ୍ର ଦେଖିବାକୁ ମିଳିଛି।

ପାହାଡ଼ ଘାଟି ଘେର ଭିତରେ ରହିଛି ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ଫୁଣ୍ଡାଗୁଡ଼ା ଗାଁ। ସ୍ଥାନୀୟ ବାସିନ୍ଦା ମାଧବ ବିଶୋଇଙ୍କ ସ୍ତ୍ରୀ ପଦ୍ମିନୀ ଗର୍ଭବତୀ ଥିବାବେଳେ ବୁଧବାର ତାଙ୍କର ପ୍ରସବ ବେଦନା ଆରମ୍ଭ ହୋଇଥିଲା। ଅପନ୍ତରା ଗାଁକୁ ଆମ୍ବୁଲାନ୍ସ ଆସିବା ସମ୍ଭବ ନଥିବାରୁ ପଦ୍ମିନୀଙ୍କୁ ଡାକ୍ତରଖାନା ନେବା ପାଇଁ ବାହାରିଲେ ପରିବାର ଓ ଗାଁଲୋକ। ବାଟରେ ପଡ଼ିଲା ପୋଡ଼ନଦୀ ଓ ଟିକାମ୍ବଯୋଡ଼ି ନାଳ। ଗାଁର ମହିଳାମାନେ ତାଙ୍କୁ ବୋହିନେଇ ନଦୀନାଳ ପାର କରାଇଥିଲେ। ଏହାପରେ କାଦୁଅଭର୍ତ୍ତି ରାସ୍ତାରେ କିଛି ବାଟ ଚାଲିଚାଲି ଏବଂ ଆଉ କିଛି ବାଟ ବାଇକରେ ତାଙ୍କୁ ନିଆଯିବା ପରେ ମରିଚଗୁଡ଼ାରେ ଅପେକ୍ଷା କରିଥିଲା ଆମ୍ବୁଲାନ୍ସ। ସେଠାରୁ ତାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ସଂକ୍ଷେପରେ

### କୋଡିଙ୍ଗାମାଳି ଖଣି ଖନନ ବିରୋଧରେ ୨୬ରୁ ଧାରଣା

**କୋରାପୁଟ,୨୪।୭(ସ୍ୱ.ପ୍ର.):** କୋଡିଙ୍ଗାମାଳି ପର୍ବତରୁ ଖଣି ଖନନ ଓ ପରିବହନ କାର୍ଯ୍ୟକୁ ବିରୋଧ କରି ପ୍ରଭାବିତ ଅଞ୍ଚଳବାସୀ ଚଳିତ ମାସ ୨୬ରୁ ଧାରଣା ଦେବେ। ଏନେଇ ବୁଧବାର ଅଞ୍ଚଳବାସୀ କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ଏକ ପତ୍ର ଦେଇଛନ୍ତି। ୧୮ ମାସ ହେଲାଣି କୋଡିଙ୍ଗାମାଳି ପର୍ବତ ଉପରୁ ବେନିୟମ ଭାବରେ ଖଣି ଖନନ ଓ ପରିବହନ କାର୍ଯ୍ୟ ଚାଲିଛି । ପ୍ରଭାବିତ ଗ୍ରାମବାସୀ ଅନେକ ସମୟରେ ଜିଲା ପ୍ରଶାସନକୁ ଏନେଇ ବାରମ୍ବାର ଅବଗତ କରିଥିଲେ ମଧ ଏହାର ସମାଧାନ ହୋଇପାରିନାହିଁ । ବିନା ପଲିସଭା ଓ ଗ୍ରାମସଭାରେ ଓଏମ୍‌ସି ଖଣିଖୋଲା ଚଳାଇଥିଲେ ମଧ ଏହାର ପ୍ରତିବାଦ କଲେ ବିଭିନ୍ନ ମିଥ୍ୟା କେଶ ରୁଜୁ କରାଇ ବିନା ତଦନ୍ତରେ ଜେଲ ପଠାଇ ଦିଆଯାଉଥିବା ପ୍ରଭାବିତ ଅଞ୍ଚଳବାସୀ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି। ତେଣୁ ଆସନ୍ତା ୨୬ରୁ ସେମାନେ ଲକ୍ଷ୍ମୀପୁରଠାରେ ଗଣଧାରଣା ଦେବେ। ପ୍ରଦୀପ ବାଘ, ବସନ୍ତ ଖରା, ଚନ୍ଦ୍ରଶେଖର ଖରା, ଅର୍ଜୁନ ମିନିଆକା, ସମ୍ବରୁ ହିକ୍‌କା, ପୁରୁଷୋତ୍ତମ ବାଘଙ୍କ ସମେତ ବହୁ ଗ୍ରାମବାସୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏନେଇ ପତ୍ର ଦେଇଛନ୍ତି।

### ୨ ଜିଲାରେ ଚାଉଳ ପରିବହନ ଟେଣ୍ଡର ଜଣଙ୍କୁ ମିଳୁଛି

**ଜୟପୁର,୨୪।୭(ଡି.ଏନ୍.ଏ.):** କୋରାପୁଟ ଓ ଗଞ୍ଜାମ ଜିଲାରେ ପବ୍ଲିକ ଡିଷ୍ଟ୍ରିବ୍ୟୁସନ ସିଷ୍ଟମରେ (ପିଡିଏସ୍) ଚାଉଳ ପରିବହନ ପାଇଁ ଏଲ-୧ ଓ ଏଲ-୨ ଟେଣ୍ଡରକୁ ନିର୍ଦ୍ଦିଷ୍ଟ ଜଣେ ବ୍ୟକ୍ତି ବିଭିନ୍ନ ଠିକାସଂସ୍ଥା ନାଁରେ ହାତେଇ ନେଉଛନ୍ତି। ବିଧାନସଭାରେ ଏଭଳି ପ୍ରସଙ୍ଗ ଉଠାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ଏଥିରେ ଏକ ପ୍ରକାର ଫିକ୍ସିଂ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା, ବିଦ୍ୟାଳୟରେ ମଧାହ୍ନ ଭୋଜନ, ସେବାଶ୍ରମରେ ଖାଦ୍ୟ ଓ ଅନ୍ୟ ବାବଦକୁ ଆବଶ୍ୟକ ପଡୁଥିବା ଚାଉଳକୁ ଚାଉଳ ଗ୍ରହଣ କେନ୍ଦ୍ରରେ ଦିଆଯିବା ପରେ ଯାହା ବଳିପେଡ଼ ତାହା ଭାରତୀୟ ଖାଦ୍ୟ ନିଗମକୁ ପଠାଯାଏ। ବର୍ତ୍ତମାନ ମାଲକାନଗିରି ଜିଲାର ବଳକା ଚାଉଳ ଭାରତୀୟ ଖାଦ୍ୟନିଗମକୁ ଦିଆଯିବା ପରିବର୍ତ୍ତେ କୋରାପୁଟ ଜିଲାର ଚାଉଳ ସଂଗ୍ରହ କେନ୍ଦ୍ରକୁ ଦିଆଯିବା ପାଇଁ ଖାଦ୍ୟ ନିଗମ ପ୍ରୟାସ କରୁଥିବା ବାହିନୀପତି ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ସହ ଜିଲାର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଅମଳ ଧାନର ବିଶୁଦ୍ଧି ସହ ଏଫ୍‌ଏକ୍ୟୁ ମାନର ଧାନ ପ୍ରସ୍ତୁତ ପାଇଁ ଯନ୍ତ୍ରପାତି କିଣାଯାଇ ଆସନ୍ତା ଖରିଫ ଧାନ ମଣ୍ଡିରେ ବ୍ୟବହାର କରିବାକୁ ସେ ଦାବି କରିଛନ୍ତି।

### ୪ ଦୋକାନର ତାଲା ଭାଙ୍ଗି ଚୋରି

**ଜୟପୁର,୨୪।୭(ଡି.ଏନ୍.ଏ.):** ଜୟପୁର ସହରରେ ଏନ୍‌କେଟି ରୋଡ ପୁରାତନ ଲକ୍ଷ୍ମୀ ଟକିଜ ସମ୍ମୁଖରେ ପାନ ଏବଂ କିରାନା ପରି ୪ଟି ଦୋକାନର ତାଲା ଭାଙ୍ଗି ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି । ୪ ଜଣ ଦୋକାନୀ ଏ.ରାଜୁ, ଏ. ରାବଣା, ବି. ଗୁପ୍ତେଶ୍ୱର ଏବଂ ଅରୁଣ ସେନାପତିଙ୍କ ଅଭିଯୋଗ ଅନୁଯାୟୀ ଦୋକାନରେ ତାଙ୍କର ପ୍ରାୟ ୫୦ ହଜାର ଟଙ୍କା ଏବଂ ପ୍ରାୟ ଏକଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଥାନାରେ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି।

■ ସିଆରସିସି ନିଯୁକ୍ତିରେ ଅନିୟମିତତା

# ପୁନଃ ଚୟନ କରିବାକୁ ଶିକ୍ଷକ ସଂଘର ଦାବି

**ଗୁଣପୁର,୨୪।୭(ଡି.ଏନ.ଏ)**

ରାୟଗଡା ଜିଲାରେ ସିଆରସିସି ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଛି । ସିଆରସିସି ଚୟନ ନିମନ୍ତେ ରହିଥିବା ସମସ୍ତ ନୀତି ନିୟମକୁ ଅଣଦେଖା କରି ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହାର ତଦନ୍ତ କରାଯାଇ ପୁନଃ ପ୍ରକ୍ରିୟା କରାଯିବାକୁ ଶିକ୍ଷକ ସଂଘ ଦାବି କରିଛି। ଏହି କ୍ରମରେ ଜିଲାପାଳ, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଗୁଣପୁର ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇ ବିହିତ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

ଗୋଟିଏ ଲେଖାଏଁ ସିଆରସିସି ପଦବୀ ନିମନ୍ତେ କ୍ଲଷ୍ଟରରୁ ୩ ଜଣଙ୍କ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଏପରି ଗୁଣପୁର ବ୍ଲକର ସମୁଦାୟ ୧୮ଟି କ୍ଲଷ୍ଟର ୧୮ ଜଣ ସିଆରସିସି ନିମନ୍ତେ ୫୪ଟି ଦରଖାସ୍ତ ଆହ୍ୱାନ କରାଯାଇଥିଲା । ହେଲେ ଏହି ଦରଖାସ୍ତ କ୍ଲଷ୍ଟର ହିସାବରେ ୩ ଜଣଙ୍କୁ ମଗାଯାଇଥିଲେ ମଧ୍ୟ ଆବେଦନ ସେପରି ହୋଇ ନ ଥିଲା । କେଉଁ କ୍ଲଷ୍ଟରରୁ ୩ଟି ତ କେଉଁ କ୍ଲଷ୍ଟରରୁ ଗୋଟିଏ ଏପରିକି କେଉଁ କ୍ଲଷ୍ଟରରୁ ୫ ଜଣ ଲେଖାଏଁ ଶିକ୍ଷକ ଦରଖାସ୍ତ ପ୍ରଦାନ କରିଥିଲେ । ଅନ୍ୟପକ୍ଷରେ ଆଉ କେତେକ କ୍ଲଷ୍ଟର ନିମନ୍ତେ ଆଦୌ ଦରଖାସ୍ତ ହୋଇ ନ ଥିଲା । ନିୟମାନୁଯାୟୀ ପ୍ରତି କ୍ଲଷ୍ଟରରୁ ୩ ଜଣ ଆବେଦନକାରୀଙ୍କ ମଧ୍ୟରୁ ଭିଜନ ଟେଷ୍ଟରେ ଯାହାର ମାର୍କ ଅଧିକ ରହିବ ତାଙ୍କୁ ସିଆରସିସି ଭାବେ ନିଯୁକ୍ତି ମିଳିବ । ସେହିପରି ୧୦ ବର୍ଷ ଚାକିରି ଅଭିଜ୍ଞତା ରହିଥିଲେ ଏଥିନିମନ୍ତେ ଆବେଦନ କରିପାରିବେ ବୋଲି ନିଯୁକ୍ତି ବିଜ୍ଞାପନରେ ପ୍ରକାଶ ପାଇଥିଲା । ତେବେ ଉପରୋକ୍ତ ଦୁଇଟି ନିୟମ ତଥା ଗାଇଡଲାଇନକୁ ନିଯୁକ୍ତି ପ୍ରକ୍ରିୟାରେ ଅଣଦେଖା କରାଯାଇଛି । ଜିଲାରେ ସଦ୍ୟ ସମାପ୍ତ ହୋଇଥିବା ସିଆରସିସି ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଯେଉଁ କ୍ଲଷ୍ଟରରେ ଗୋଟିଏ କିମ୍ବା ଦୁଇ ଜଣ ଆବେଦନକାରୀ ରହିଥିଲେ ସେମାନଙ୍କୁ ଏହି ପ୍ରକ୍ରିୟାରେ ନିଯୁକ୍ତି ମିଳିଛି, ଯାହା ନିଯୁକ୍ତି ନିର୍ଦ୍ଦେଶନାମାର ବାହାରେ ରହିଛି । ସେହିପରି ଭିଜନ ଟେଷ୍ଟରେ କମ୍ ମାର୍କ ରଖିଥିବା ଓ ୧୦ ବର୍ଷ ଚାକିରି ଅଭିଜ୍ଞତା ନ ଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ମଧ୍ୟ ସିଆରସିସି ଭାବେ ନିଯୁକ୍ତି ପାଇଛନ୍ତି । ୧୦ ବର୍ଷ ଅଭିଜ୍ଞତା ନ ଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ସିଆରସିସି ନିମନ୍ତେ ଦରଖାସ୍ତ କରିପାରିବେ ନାହିଁ ବୋଲି ଗାଇଡ୍‌ଲାଇନ୍ ରହିଥିଲେ ମଧ୍ୟ କିପରି ସେମାନଙ୍କ ଦରଖାସ୍ତ ଗ୍ରହଣ କରାଗଲା ଏବଂ କିପରି ସେମାନଙ୍କୁ ନିଯୁକ୍ତି ଦିଆଗଲା ତାହାକୁ ନେଇ ଉଠିଛି ପ୍ରଶ୍ନ ।

ପ୍ରକାଶଥାଉ କି, ଅନ୍ୟ ଜିଲାରେ ବ୍ଲକକୁ ଏକ ୟୁନିଟ୍ କରି ଅଧିକା ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ଚୟନ କରାଯାଇ ସିଆର୍‌ସିସି ନିଯୁକ୍ତି ମିଳିଛି । ତେବେ ରାୟଗଡା ଜିଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି । କ୍ଲଷ୍ଟରକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି । ଫଳରେ ଅଧିକ ନମ୍ବର ପାଇଥିବା ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଏପରିକି କ୍ଲଷ୍ଟରରେ ଆବେଦନ କରି ନ ଥିଲେ ମଧ୍ୟ ସେହିସ୍ଥାନରେ ସିଆରସିସି ନିଯୁକ୍ତି ମିଳିଥିବା ନଜରକୁ ଆସିଛି ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

■ ତାଲୁକ ଆଇନସେବା କମିଟିର ସଚେତନତା ଶିବିର

# ଆପରାଧିକ କାର୍ଯ୍ୟକଳାପରୁ ନିଜକୁ ଦୂରେଇ ରଖ

**ବିଷମକଟକ, ୨୪।୭**

ରାୟଗଡ଼ା ଜିଲା ବିଷମକଟକ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଷମକଟକ ଆଇନସେବା କମିଟି ଅଧକ୍ଷ ବିଚାରପତି ହବିବୁର ରେହମାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଟ୍ଟନାୟକ, ଆଇନଜୀବୀ ଦୀଲିପ ମହାରଣା, ଥାନା ଏଏସ୍‌ଆଇ ଶଙ୍କର ପଣ୍ଡା, ଚନ୍ଦ୍ର ମୁଣ୍ଡା, ନବୀନ ବିକାଶ ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ବାଳମୁକୁନ୍ଦ ପାଳ ଅତିଥିଭାବେ ଯୋଗ ଦେଇଥିଲେ। କଠିନ ପରିଶ୍ରମ କରି ଭଲ ମଣିଷ ହୁଅ। ଏଥିସହ ସବୁବେଳେ ଆପରାଧିକ କାର୍ଯ୍ୟରୁ ନିଜକୁ ଦୂରେଇ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବାଳ ଅପରାଧୀଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ଏହି ଅବସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲା କଂଗ୍ରେସ

**ରାୟଗଡ଼ା ଅଫିସ,୨୪।୭**

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ରାୟଗଡ଼ା ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପରେ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଡ଼େପୁଟି କଲେକ୍ଟର ସୁବ୍ରତ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କଂଗ୍ରେସ ଜିଲା ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଛି । ଦୀର୍ଘ ୧୯ ବର୍ଷ ଧରି ବିଜେଡ଼ି ରାଜ୍ୟରେ ଶାସନ କରୁଥିଲେ ମଧ୍ୟ ଶିଶୁ,ନାବାଳିକା,ନାରୀ ନିର୍ଯାତନା, ବଳାତ୍କାର,ଅପହରଣ ଆଦି ଘଟଣା ବଢିଚାଲିଛି । ହେଲେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନିକଟ ଅତୀତରେ ରଖିଥିବା ବିବୃତ୍ତିରେ ଆଇନ ଶୃଙ୍ଖଳା ଠିକ୍ ରହିଛି ବୋଲି ଉତ୍ତର ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ପ୍ରତ୍ୟେକ ଦିନ ରାଜ୍ୟରେ ୭ ଜଣ ମହିଳା ବଳାତ୍କାର ଶିକାର ହେଉଛନ୍ତି । ୨୦୧୭-୧୮ ବର୍ଷରେ ୨୨୦୦ ଜଣ ବଳାତ୍କାରର ଶିକାର ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୨୫୦୦ରେ ପହଞ୍ଚିବା ଅତ୍ୟନ୍ତ ଚିନ୍ତା ଓ ପରିତାପର ବିଷୟ । ଚଳିତବର୍ଷ ୫୦୨ ଜଣ ଶିଶୁ ନିଖୋଜ ହୋଇଥିବା ବେଳେ ପୋଲିସ ୪୨୩ ଜଣଙ୍କୁ ଖୋଜି ନ ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହା ପୋଲିସ ବିଭାଗର ଅପାରଗତାକୁ ପ୍ରମାଣିତ କରୁଛି । ତୁରନ୍ତ ଏହି ଘଟଣାର ନିରାକରଣ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡ଼ାକରା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ପରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏଥିରେ ଏଆଇସିସି ସଦସ୍ୟା ରତ୍ନମଣୀ ଉଲ୍ଲାକା,ପିସିସି ସଂଗଠନ ସମ୍ପାଦକ ଆପଲାସ୍ୱାମୀ କାଡ୍ରାକା, ଜିଲା କଂଗ୍ରେସ ସମ୍ପାଦକ ପାର୍ଥ ବର୍ଦ୍ଧନ, ଯୁବ କଂଗ୍ରେସ ସମ୍ପାଦକ ଗୌରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜ୍ୟର ୨୧୫୯ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୃହ ବିପଦ ସଙ୍କୁଳ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

ରାଜ୍ୟରେ ୧୭ ହଜାର ୧୪୩ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୨୧୫୯ଟି ବିଦ୍ୟାଳୟ ଗୃହ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ରାୟଗଡ଼ାରେ ସର୍ବାଧିକ ୩୨୯ଟି ବିଦ୍ୟାଳୟ ଗୃହ ବିପଦ ସଙ୍କୁଳ ବୋଲି ଜଣାପଡ଼ିଛି। ସେହିପରି ପୁରୀରେ ୨୫୫, କଳାହାଣ୍ଡିରେ ୨୩୬, ନୟାଗଡ଼ରେ ୧୮୧, ଗଜପତିରେ ୧୧୯, ମାଲକାନଗିରିରେ ୧୧୬, ବାଲେଶ୍ୱରରେ ୧୧୫, କେନ୍ଦ୍ରାପଡ଼ାରେ ୯୮, ଅନୁଗୋଳରେ ୭୩, କଟକରେ ୭୩, ନୂଆପଡ଼ା ୫୮, ଝାରସୁଗୁଡ଼ା ଓ ବୌଦ୍ଧ ୫୫, ସୋନପୁର ୫୨, ଜଗତସିଂହପୁର ଓ କନ୍ଧମାଳ ୫୧, ଢେଙ୍କାନାଳ ଓ କୋରାପୁଟ ୪୨, ଗଞ୍ଜାମ ୩୬, ଦେବଗଡ଼ ୩୪, ଭଦ୍ରକ ୩୦, କେନ୍ଦୁଝର ୨୮, ସମ୍ବଲପୁର ୨୨, ମୟୂରଭଞ୍ଜ ୧୧, ବରଗଡ଼ ୫, ସୁନ୍ଦରଗଡ଼ରେ ୨ଟି ବିଦ୍ୟାଳୟ ଗୃହ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତେବେ ବଲାଙ୍ଗୀର, ଯାଜପୁର, ଖୋର୍ଦ୍ଧା, ନବରଙ୍ଗପୁର ଆଦି ୪ ଜିଲାରେ କୌଣସି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୃହ ବିପଦ ସଙ୍କୁଳ ଅବସ୍ଥାରେ ନ ଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି।

ସେହିପରି ରାଜ୍ୟରେ ୨୬୫୬ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଛି। ପର୍ଯ୍ୟାୟକ୍ରମେ ଏହି ପଦବୀ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଆହୁରି ମଧ ସେ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ୫୬୧୧ଟି ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ଲେଖାଏ ପ୍ରକୋଷ୍ଠ ଥିବାବେଳେ ୧୧୫୩୨ଟି ବିଦ୍ୟାଳୟରେ ସ୍ୱତନ୍ତ୍ର ପ୍ରକୋଷ୍ଠ ନାହିଁ। ତେଣୁ ଆଉ ୨୩୧୫ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରକୋଷ୍ଠ କରାଯିବ। ଏଥିପାଇଁ ଅର୍ଥ ମଞ୍ଜୁର ହୋଇସାରିଛି। ବର୍ତ୍ତମାନ ୨୧୬୩ଟି ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିବା ସେ ସୂଚନ ଦେଇଛନ୍ତି।

# ବିହନ ବିଶୋଧନ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**ଚନ୍ଦ୍ରପୁର, ୨୪।୭(ଡି.ଏନ୍.ଏ.)**

ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତର ବାଲକାବାଜୁ, ଡାବେରି, ପିସ୍କାପଙ୍ଗା ପଞ୍ଚାୟତର କନ୍ଧ ହିରବା, ଗାଇଗୁଡାଠାରେ କୃଷି ବିଭାଗ ପକ୍ଷରୁ ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଉନ୍ନତ ମାନର ଧାନଚାଷ, ଧାଡି ଧାନରୁଆ ପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଫସଲକୁ ରୋଗମୁକ୍ତ କରିବାକୁ ହେଲେ ପ୍ରାଥମିକ ଅବସ୍ଥାରେ ରାସାୟନିକ ଓ ଜୈବିକ ବିଶୋଧନ ବ୍ୟବହାର କରିବାକୁ ପଡିଥାଏ। ବିଶୋଧନ ବ୍ୟବହାର ପଦ୍ଧତି ସମ୍ପର୍କରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବା ଚନ୍ଦ୍ରପୁର ବ୍ଲକ ସହକାରୀ କୃଷି ଅଧିକାରୀ ରାମଲାଲ ସାମାଡ ବୁଝାଇଥିଲେ। କୃଷି ଅଧିଦର୍ଶକ ରଜନୀ ମିଶ୍ର, ସୁରେନ୍ଦ୍ର କୁମାର ନାଏକ, ପ୍ରଭାତ କୁମାର ସାହୁ, ବିଶ୍ୱଲାଲ ଭୁଜବଳ, କୃଷକ ସାଥୀମାନେ ପ୍ରତି ଗ୍ରାମରେ ବିହନ ବିଶୋଧନ ପ୍ରଣାଳୀ ସମ୍ପର୍କରେ ଚାଷୀମାନଙ୍କୁ ସଚେତନତା ସୃଷ୍ଟି କରୁଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ବର୍ଷାର ଅଭାବ ଯୋଗୁ ମରୁଡି ସମ୍ଭାବନାକୁ ନେଇ ଚାଷୀ ଚିନ୍ତିତ। ଏ ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, 'ଛୋଟ ପ୍ରିମିୟମ, ବଡ ବୀମା' ଆଦି ସମ୍ପର୍କରେ ବ୍ଲକ ବୀମା କୋଅର୍ଡିନେଟୋର ସୁବ୍ରତ କୁମାର ମଣ୍ଡଳ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ବ୍ଲକର ଅନ୍ୟ ପଞ୍ଚାୟତରେ ମଧ କରାଯିବ ବୋଲି ସହକାରୀ କୃଷି ଅଧିକାରୀ କହିଛନ୍ତି।

# କସକଟା ରାସ୍ତା ଶୋଚନୀୟ

**ଟିକିରି,୨୪।୭(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ କସକଟା ଗ୍ରାମକୁ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ଼ଙ୍ଗାସିଲ ଛକଠାରୁ ତୁରେଇଘାଟି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପକ୍କା ପିଚୁ ରାସ୍ତା ନିର୍ମାଣ କରାଯାଇଛି । କିନ୍ତୁ ତୁରେଇଘାଟିରୁ କୁମ୍ଭକଟାଛକ ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତାକୁ ଏହି ଯୋଜନାରେ ସାମିଲ କରାଯାଇ ରାସ୍ତା କରାଯାଉଛି । ଏପରିକି ଅନ୍ୟ କୌଣସି ବିଭାଗ ମଧ୍ୟ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କୁଚେଇପଦର ପଞ୍ଚାୟତ ସଦରଠାରୁ ୧୧ କିଲୋମିଟର ଦୂରରେ ଥିବା ଆଦିବାସୀ ଅଧ୍ୟୁଷିତ କସକଟା ଗ୍ରାମ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସୀମାନ୍ତରେ ରହିଛି । ଏହି ଗାଁକୁ ପକ୍କା ରାସ୍ତା ନିର୍ମାଣ ହୋଇପାରୁନାହିଁ । ଏବେ ବର୍ଷା ଦିନ ହୋଇଥିବାରୁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଇଛି। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳର ନେତା ଏହି ଅଞ୍ଚଳ ଗସ୍ତ କରି ଅଞ୍ଚଳ ସମଗ୍ର ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ କାହାର ଦେଖା ମିଳୁନାହିଁ ବୋଲି ଗ୍ରାମର ତୁଳରାମ ଝୋଡ଼ିଆ, ପବିତ୍ର ଝୋଡ଼ିଆ, ଖଗପତି ସାହୁ,ଗୋପାଳ ବିଶୋଇ, ରାମ ଝୋଡ଼ିଆ ପ୍ରମୁଖ ଅଭିଯୋଗ କରିଛନ୍ତି । ତୁରନ୍ତ ତୁରେଇଘାଟିଠାରୁ କସକଟା ଗ୍ରାମ ଦେଇ ଶିଳାପାସ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରି ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।


ଶୋଚନୀୟ ହୋଇପଡ଼ିଥିବା ରାସ୍ତା ।

# ସାପ କାମୁଡ଼ାରେ ମହିଳା ମୃତ

**ଜୟପୁର,୨୪।୭(ଡି.ଏନ୍.ଏ.)**

କୋରାପୁଟ ଜିଲା ଜୟପୁର ସଦରଥାନା ଉମୁରୀ ଗ୍ରାମରେ ରାତିରେ ଜଣେ ମହିଳା ଘରେ ଶୋଇଥିବା ବେଳେ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ହେମଲତା ମାଝି (୩୫)। ଗତ ମଙ୍ଗଳବାର ରାତିରେ ସାପ ତାଙ୍କ ଛାତିରେ କାମୁଡ଼ିଦେବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜୟପୁର ଜିଲା ଚିକିତ୍ସାଳୟ ଓ ପରେ ସେଠାରୁ କୋରାପୁଟ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନିର୍ମାଣକୁ ପୂରିନି ୪ମାସ, ରାସ୍ତାରେ ଗାତ

**ଚନ୍ଦ୍ରପୁର, ୨୪।୭(ଡି.ଏନ୍.ଏ.)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତାର ଅବସ୍ଥା ଦିନକୁଦିନ ଶୋଚନୀୟ ହେବାରେ ଲାଗିଛି। ରାସ୍ତା ନିର୍ମାଣର ମାତ୍ର ୪ମାସ ମଧରେ ଏଥିରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଫଳରେ ବିଭିନ୍ନ ସମୟରେ ଏଠାରେ ଦୁର୍ଘଟଣା ଘଟୁଛି। ତରବରିଆ ଭାବେ ନିମ୍ନମାନର କାମ ହୋଇଥିବାରୁ ଏଭଳି ଅସୁବିଧା ଉପୁଜିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମୁନିଗୁଡାଠାରୁ ଭାୟା ତେଲେଙ୍ଗାପଦର ଦେଇ ଚନ୍ଦ୍ରପୁରକୁ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ରାସ୍ତା ନିର୍ମାଣ କରାଯାଇଛି। ଖିଲାମୁଣ୍ଡା ଗ୍ରାମଠାରେ ଏହି ରାସ୍ତାରେ ଦୁଇ ଫୁଟରୁ ଉର୍ଦ୍ଧ୍ୱର ଦୁଇଟି ବଡ଼ବଡ଼ ଗାତ ସୃଷ୍ଟି ହୋଇଛି। ମାର୍ଚ୍ଚ ମାସରେ ଉକ୍ତ ରାସ୍ତା କାମ ସରିଛି । ତରବରିଆ ଭାବେ ଅତି ନିମ୍ନମାନର କାମ ହୋଇଥିବା ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହେବାରେ ଲାଗିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଏପରି ଅବସ୍ଥା ଯୋଗୁ ବିଭିନ୍ନ ସମୟରେ ଏଠାରେ ଦୁର୍ଘଟଣା ଘଟୁଛି ବୋଲି ତେଲେଙ୍ଗାପଦର, ଖିଲାମୁଣ୍ଡା ପ୍ରଭୃତି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତା ଦେଇ ରାତି ସମୟରେ ଯିବା ସୁରକ୍ଷିତ ନୁହେଁ ବୋଲି ସେମାନେ କହିଛନ୍ତି। ପୂର୍ତ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଦାବି ହେଉଛି। ସେହିପରି କୁତ୍ରାଗଡ ପୋଲ ନିକଟରେ ମଧ ଏପରି ଅବସ୍ଥା ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।


ରାସ୍ତାରେ ଥିବା ଗାତ।

# ରାୟଗଡ଼ା ସହର ବିକାଶ ନେଇ ଦାବିପତ୍ର

**ରାୟଗଡ଼ା ଅଫିସ୍, ୨୪।୭**

ନ୍ୟୁ ହୋପ ୟୁଥ୍ ଆସୋସିଏଶନ ପକ୍ଷରୁ ରାୟଗଡ଼ା ସହରର ବିକାଶ ନିମନ୍ତେ ଏକ ଦାବିପତ୍ର ରାୟଗଡ଼ା ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସ୍ଥାନୀୟ ସାଇ ଇଣ୍ଟର ନ୍ୟାଶନାଲ ହୋଟେଲ ନିକଟରେ ପୌରପାଳିକାର ଯେଉଁ ଜମି ରହିଛି ସେଠାରେ ଏକ ଜିମ୍ କରାଯାଉ । ଯାହାଦ୍ୱାରା ରାୟଗଡ଼ାର କ୍ରୀଡ଼ାବିତ୍‌ଙ୍କ ସହ ବୁଦ୍ଧିଜୀବୀ ଓ ସମସ୍ତ ସହରବାସୀ ଉପକୃତ ହେବେ। ଏଠାରେ ଭାର ଉତ୍ତୋଳନ ପ୍ରତିଯୋଗିତା ନେଇ ତାଲିମ ଦିଆଯାଉ । କ୍ରୀଡ଼ା ପ୍ରତିଭାମାନ ରାଜ୍ୟ ଓ ଜାତୀୟ ସ୍ତରରେ ସମ୍ମାନିତ ହୋଇ ରାୟଗଡ଼ାର ନାମ ଉଚ୍ଚ କରି ପାରିବେ। ସେହିପରି ରାୟଗଡ଼ା ସହରକୁ ସମ୍ପୂର୍ଣ୍ଣ ଖୋଲା ଶୌଚମୁକ୍ତ ଅଞ୍ଚଳ ଘୋଷଣା କରାଯାଉ । ବାହାରେ ଶୌଚ କରିବା ଦ୍ୱାରା ସହରରେ କିଛି ଅଞ୍ଚଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଏଥିସହ ନାନା ରୋଗ ବ୍ୟାପିବାରେ ଲାଗିଛି। ଏମିତି କି ପୌରପାଳିକା ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବାହାରେ ଶୌଚ କରୁଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରୁ । ହେଲ୍‌ପ ଲାଇନ୍ ନମ୍ବର କରାଯାଉ, ଯାହଦ୍ୱାରା କି ଜନସାଧାରଣ ସିଧାସଳଖ ତାଙ୍କ ଅଞ୍ଚଳର ସମସ୍ୟା ଜଣାଇପାରିବେ। ତୁରନ୍ତ ଉକ୍ତ ଦାବି ପୂରଣ ନେଇ ଅନୁରୋଧ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସଦାଶିବ ତ୍ରିପାଠୀ,ଶଶିକାନ୍ତ ବେହେରା, ଦୀପକ ସାମଲ, ସନ୍ତୋଷ କୁମାର ଶତପଥୀ, ଏସ.କେ. ଆଲ୍ଲାଉଦ୍ଦିନ, କିଶୋର ଦାଶ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ ।


ରାୟଗଡ଼ା ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ସଂଘ କର୍ମକର୍ତ୍ତା ।